# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 April – 2026**

# ମୁଖ୍ୟମନ୍ତ୍ରୀ-ନିଯୁକ୍ତିମେଳା

ସରକାରୀ ଚାକିରୀ କେବଳ ଏକ ଜୀବିକା ନୁହେଁ, ବରଂ ଜନସାଧାରଣଙ୍କ ସେବା କରିବା ପାଇଁ ଅନନ୍ୟ ସୁଯୋଗ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୧୫ତମ ନିଯୁକ୍ତି ମେଳାରେ ଶ୍ରୀ ମାଝୀ ୭ଟି ବିଭାଗର ୪ ହଜାର ୬୨୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ କର୍ମକ୍ଷେତ୍ରରେ ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ୫ଟି ପରାମର୍ଶ ଦେଇଛନ୍ତି ।

**V/O**

ଗତ ଜୁନ୍ ୨୦୨୪ ମସିହାରୁ ସରକାରୀ ଚାକିରିରେ ୪୪ ହଜାର ୮୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଜାତୀୟ ପଞ୍ଚାୟତିରାଜ ଦିବସ

ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କୁ ବିକାଶମୂଳକ କାର୍ଯ୍ୟରେ ଭାଗିଦାରୀ ସୁନିଶ୍ଚିତ କରିବା ନେଇ ଦେଶରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । କ୍ଷମତାର ବିକେନ୍ଦ୍ରୀକରଣ ସହ ଏହାକୁ ତୃଣମୂଳ ସ୍ତରରେ

ପହଞ୍ଚାଇବା ପାଇଁ ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା । ୧୯୯୩ ମସିହା ଏପ୍ରିଲ୍ ୨୪ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିଲା । ୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ଅବସରରେ ଆଜି ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହ ପ୍ରଥମ କିସ୍ତିରାଶି ପ୍ରଦାନ କରିବେ । ଏହା ସହ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି ।

## ଉପମୁଖ୍ୟମନ୍ତ୍ରୀ

ପୁରୀ ଜିଲ୍ଲା ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଚଢ଼େଇଗାଁ ରାସ୍ତାର ସଂଯୋଗୀକରଣ, ନାଳ ଉପରେ ସେତୁବନ୍ଧ ନିର୍ମାଣ, ମଦରଙ୍ଗ ଅଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।

# ଯୁଗ୍ମ ସଚିବଙ୍କ ଗସ୍ତ

କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଅଧ୍ୟକ୍ଷ ଦୟା ନିଧାନ ପାଣ୍ଡେ ଯାଜପୁର ଜିଲ୍ଲାର ସୁକିନ୍ଦା ଅଞ୍ଚଳ ଗସ୍ତ କରିଛନ୍ତି । ଶ୍ରୀ ପାଣ୍ଡେ ସୁକିନ୍ଦାରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଏକ ଶାଖା ସ୍ଥାପନ ସହ ଶିଳ୍ପ ତାଲିମ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଉପରେ ଜିଲ୍ଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

# ଆଲୋଚନାଚକ୍ର

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଏସୀୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସହଯୋଗରେ ଓଡ଼ିଶାରେ ଭବିଷ୍ୟତ ବିପତ୍ତି, ପ୍ରସ୍ତୁତି ଓ ସହନଶୀଳତା- ଭିଜନ ୨୦୩୬ ଓ ୪୭ରେ ଦଶବର୍ଷୀଆ କୌଶଳ ଦୃଷ୍ଟିକୋଣକୁ ସୁଦୃଢ଼ କରିବା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାମୂହିକ ପ୍ରୟାସ ଦ୍ୱାରା ବିପର୍ଯ୍ୟୟକୁ ପ୍ରତିହତ କରିହେବ ବୋଲି ମତ ପ୍ରକାଶ କରିଥିଲେ ।

## ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଆସନ୍ତା ସୋମବାରଠାରୁ ଜିଲ୍ଲାରେ ଆରମ୍ଭ ହେବାକୁ ଥିବା ନିରକ୍ଷଣ ସାଥୀ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିଥିଲେ।  ନିରକ୍ଷଣ ସାଥୀ କାର୍ଯ୍ୟକ୍ରମରେ ଦୁର୍ଗମ ଅଞ୍ଚଳରେ ରହୁଥିବା ଗର୍ଭବତୀଙ୍କୁ ସହଜରେ ଓ ସୁବିଧାରେ ହସ୍ପିଟାଲ୍‌ରେ ପହଞ୍ଚାଇବା ନେଇ ବ୍ୟବସ୍ଥା କରାଯିବ ।

## କବାଡ଼ି-କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର ଟାଉନହଲ୍ ପଡ଼ିଆଠାରେ ଆୟୋଜିତ ସୁରେଶ ସେଠ୍ ମେମୋରିଆଲ୍ କବାଡ଼ି ପ୍ରିମିୟମ୍ ଲିଗ୍‌କୁ କେନ୍ଦ୍ର ମନ୍ତ୍ରୀଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରରେ ଏକ ଅତ୍ୟାଧୁନିକ କବାଡ଼ି ଷ୍ଟାଡିୟମ୍ ନିର୍ମାଣ ପାଇଁ ସରକାର ଯୋଜନା କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ମ୍ୟାଚ୍‌ରେ ୧୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି ।

## ମତାମତ ଆହ୍ୱାନ

ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନଗୁଡ଼ିକର ନାମ ଇଂରାଜୀ ବନାନ ସଂଶୋଧନ ପାଇଁ ରହିଥିବା ପ୍ରସ୍ତାବ ସରକାରଙ୍କ ଦ୍ୱାରା ଆଗତ ହୋଇଛି।

ଏ ନେଇ ଆସନ୍ତା ଏକମାସ ମଧ୍ୟରେ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ  ଆଇନର ବିଭିନ୍ନ ଦିଗ ନେଇ ଆଲୋଚନା ହୋଇଯାଇଛି । ସ୍ଥାନୀୟ ହାଲୁଆ ପଞ୍ଚାୟତ ପରିସରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା  ସଂପର୍କରେ ଜନସଚେନତା ସୃଷ୍ଟି କରାଯାଇଥିଲା ।

## ଶ୍ରମିକ ପଞ୍ଜୀକରଣ

ମାଲକାନଗିରି ଜିଲ୍ଲା ଗୋରାଖୁଣ୍ଟା ପଞ୍ଚାୟତରେ ଶ୍ରମିକ କଲ୍ୟାଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଶ୍ରମିକମାନଙ୍କର ପଞ୍ଜୀକରଣର ବ୍ୟବସ୍ଥା ହୋଇଥିଲା ।

## ଗ୍ରୀଷ୍ମ ପ୍ରବାହ-ସ୍କୁଲ୍ ଛୁଟି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୨୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଝାରସୁଗୁଡ଼ା ଓ ତାଳଚେରଠାରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ,

ରାୟଗଡ଼ା, ଗଞ୍ଜାମ ସମେତ ଅନ୍ୟ କେତେକ ଜିଲ୍ଲାରେ ବିଦ୍ୟାଳୟର ଛୁଟି ଅବଧିକୁ ବୃଦ୍ଧି କରାଯାଇଛି।